# NATIONAL NEWS BULLETIN (ODIA)
**10 April - 2026**
**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପଶ୍ଚିମ ଏସିଆ ସଂକଟ ମଧ୍ୟରେ ଦେଶରେ ପ୍ରଥମ ଭାସମାନ ସୌରଶକ୍ତି ପ୍ରକଳ୍ପର ବିକାଶ ନୂତନ ଆଶା ସଂଚାର କରିଛି, କହିଲେ ବୈଦେଶିକ ମନ୍ତ୍ରୀ

- ଜନଗଣନା-୨୦୨୭ ପ୍ରଥମ ପର୍ଯ୍ୟାୟରେ ଏପର୍ଯ୍ୟନ୍ତ ସ୍ୱଗଣନାରେ ସାମିଲ ହେଲେ ୫ ଲକ୍ଷ ୭୨ ହଜାରରୁ ଅଧିକ ପରିବାର

- ରାଜ୍ୟସଭା ସଦସ୍ୟ ଭାବେ ଶପଥ ନେଲେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର

- ଛତିଶଗଡ଼ର କାଙ୍କେର ଜିଲ୍ଲାରେ ସଡ଼କ ଦୁର୍ଘଟଣାରେ ୬ ଜଣଙ୍କ ପ୍ରାଣହାନି

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ରାଜସ୍ଥାନ ରୟାଲ୍ସ ଓ ରୟାଲ୍ ଚାଲେଞ୍ଜର୍ସ୍ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

---

## ଜୟଶଙ୍କର-ମରିସସ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର କହିଛନ୍ତି ପଶ୍ଚିମ ଏସିଆ ସଂକଟ ମଧ୍ୟରେ ଶକ୍ତି ସୁରକ୍ଷାକୁ ମଜବୁତ କରିବା ପାଇଁ ଭାରତ’

ମରିସସ୍‌କୁ ତୈଳ ଓ ଗ୍ୟାସ୍ ଯୋଗାଣ ପାଇଁ ଏକ ଚୁକ୍ତିନାମା ଚୂଡ଼ାନ୍ତ କରିଛି । ପୋର୍ଟ ଲୁଇସ୍‌ଠାରେ ଡକ୍ଟର ଜୟଶଙ୍କର କହିଛନ୍ତି ପଶ୍ଚିମ ଏସିଆରେ ଜାରି ରହିଥିବା ସଂକଟ ଶକ୍ତି କ୍ଷେତ୍ରରେ ରଣନୈତିକ ଭାଗିଦାରୀ ଗୁରୁତ୍ୱକୁ ଦର୍ଶାଉଛି । ଏହି ସଂକଟ ମଧ୍ୟରେ ଭାରତୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଦେଶର ପ୍ରଥମ ଭାସମାନ ସୌରଶକ୍ତି ପ୍ରକଳ୍ପ ବିକଶିତ କରିବା ନୂତନ ଆଶା ସଂଚାର କରିଛି। ସ୍ୱଚ୍ଛ ଶକ୍ତି ଏବଂ ପରିବେଶ ଅନୁକୂଳ ସମାଧାନ କ୍ଷେତ୍ରରେ ଭାରତ ଏବଂ ମରିସସ୍ ମଧ୍ୟରେ ବ୍ୟାପକ ଓ ଗତିଶୀଳ ଭାଗିଦାରୀ ରହିଛି । ସ୍ଥାୟୀ ସାର୍ବଜନୀନ ପରିବହନକୁ ଅଧିକ ମଜବୁତ କରିବା ଏବଂ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ପାଇଁ ମରିସସ୍‌କୁ ଖୁବ୍‌ଶୀଘ୍ର ଇ-ବସ୍ ହସ୍ତାନ୍ତର କରାଯିବ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି । ଦୁଇଦେଶ ମିଳିତ ଭାବେ ଦ୍ୱିପାକ୍ଷିକ ସଂପର୍କକୁ ବର୍ଦ୍ଧିତ ରଣନୈତିକ ଭାଗିଦାରୀରେ ପରିଣତ କରିବା ଲାଗି ସହମତ ହୋଇଛନ୍ତି । ଡକ୍ଟର ଜୟଶଙ୍କର ନବମ ଭାରତୀୟ ମହାସାଗର ସମ୍ମିଳନୀରେ ଯୋଗଦେବା ପାଇଁ ମରିସସ୍‌ରେ ଅଛନ୍ତି।

---

## ସେନ୍‌ସସ୍

ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟରେ ଏପର୍ଯ୍ୟନ୍ତ ୫ ଲକ୍ଷ ୭୨ ହଜାରରୁ ଅଧିକ ପରିବାର ସ୍ୱ-ଗଣନାରେ ସାମିଲ ହୋଇଛନ୍ତି । ଭାରତର ରେଜିଷ୍ଟ୍ରାର ଜେନେରାଲ୍ କହିଛନ୍ତି, ୨୦୨୭ ଜନଗଣନା ପାଇଁ ଡିଜିଟାଲ ପଦକ୍ଷେପରେ ଜନସାଧାରଣଙ୍କର ବର୍ଦ୍ଧିତ ଅଂଶ ଗ୍ରହଣକୁ ଏହା ପ୍ରତିଫଳିତ କରୁଛି । ପ୍ରଥମ ପର୍ଯ୍ୟାୟ ଜନଗଣନା ଏପ୍ରିଲ୍ ୧ରୁ ଆରମ୍ଭ ହୋଇଥିଲା ଏବଂ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଡିଜିଟାଲ ସ୍ୱ-ଗଣନା ପ୍ରକ୍ରିୟା ଜାରି ରହିବ । ୧୧ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ସ୍ୱଗଣନା

ପ୍ରକ୍ରିୟା ଜାରି ରହିଛି । ଆସନ୍ତା ୧୬ ତାରିଖରୁ ମଇମାସ ୧୫ ତାରିଖ ପର୍ଯ୍ୟନ୍ତ ଗୃହ ତାଲିକା ଏବଂ ଆବାସ ଗଣନା ଆରମ୍ଭ ହେବ । ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଜନସଂଖ୍ୟା ଗଣନା ଆସନ୍ତାବର୍ଷ ଫେବୃୟାରୀ ମାସରେ କରାଯିବ । ଏହା ବୟସ, ଲିଙ୍ଗ, ବୃତ୍ତି , ସାକ୍ଷରତା ଏବଂଜାତି ବିବରଣୀ ସମେତ ବ୍ୟକ୍ତିଗତ ତଥ୍ୟ ସଂଗ୍ରହ ଉପରେ ଆଧାରିତ ହେବ ।

## ପ୍ରେଜ୍-ହରିବଂଶ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜ୍ୟସଭାର ପୂର୍ବତନ ଉପାଧ୍ୟକ୍ଷ ହରିବଂଶଙ୍କୁ ରାଜ୍ୟସଭା ସଦସ୍ୟ ଭାବେ ମନୋନୀତ କରିଛନ୍ତି । ରାଜ୍ୟସଭାର ନିର୍ବାଚିତ ସଦସ୍ୟ ଥିବା ହରିବଂଶଙ୍କ କାର୍ଯ୍ୟକାଳ ଗତକାଲି ଶେଷ ହେବା ପରେ ରାଷ୍ଟ୍ରପତି ତାଙ୍କୁ ଉଚ୍ଚସଦନକୁ ମନୋନୀତ କରିଛନ୍ତି । ଭାରତର ପୂର୍ବତନ ପ୍ରଧାନ ବିଚାରପତି ରଂଜନ ଗୋଗୋଇଙ୍କ ଅବସର ପରେ ଖାଲିପଡ଼ିଥିବା ପଦ ପାଇଁ ତାଙ୍କୁ ମନୋନୀତ କରାଯାଇଥିବା ଆଜି ଗୃହ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ ଦର୍ଶାଯାଇଛି ।

## ନୀତିଶ ଓଥ୍

ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଆଜି ରାଜ୍ୟସଭା ସଦସ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି । ଉପରାଷ୍ଟ୍ରପତି ତଥା ରାଜ୍ୟସଭାର ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ ସଂସଦ ଭବନରେ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ରାଜ୍ୟସଭାର ନେତା ଜେ.ପି. ନଡ୍ଡା, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ରାଜୀବ ରଂଜନ, ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନରାମ ମେଘୱାଲ, କଂଗ୍ରେସ ନେତା ଜୟରାମ

ରମେଶ, ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ପ୍ରମୁଖ ଶପଥଗ୍ରହଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ପିଏମ୍ ସାଂସ୍କ୍ରିଟ୍

ଦେଶର ଯୁବପିଢ଼ି ଯେତେବେଳେ କିଛି କରିବାର ସଂକଳ୍ପ ନେଇଥାନ୍ତି, ସେତେବେଳେ କାର୍ଯ୍ୟ ମାଧ୍ୟମରେ ତାହା ପ୍ରଦର୍ଶନ କରିଥାନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସଂସ୍କୃତ ଶୁଭାସିତମ୍ ଶେୟାର କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହା ହେଉଛି ଭାରତର ଯୁବଶକ୍ତିର ଶକ୍ତି, ଯାହା ଫଳରେ ଦେଶ ବିକାଶ ପଥରେ ଦ୍ରୁତଗତିରେ ଆଗକୁ ବଢୁଛି ।

## ଆସେମ୍ବ୍ଲି ଇଲେକସନ୍ ପୋଲ

ଆସାମ, କେରଳମ ଏବଂ ପୁଡୁଚେରୀରେ ବିଧାନସଭା ନିର୍ବାଚନ ପାଇଁ ମତଦାନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । ନିର୍ବାଚନ ଆୟୋଗଙ୍କ ସୂଚନା ଅନୁଯାୟୀ ଆସାମରେ ୮୫ ଦଶମିକ୍ ୩/୮ ପ୍ରତିଶତ, ପୁଡୁଚେରୀରେ ୮୯ ଦଶମିକ୍ ୮/୩ ଓ କେରଳମରେ ୭୮ ଦଶମିକ୍ ୦/୩ ପ୍ରତିଶତ ମତଦାନ ହୋଇଛି । ସେହିପରି  ତିନୋଟି ରାଜ୍ୟର ୪ଟି ବିଧାନସଭା ଆସନରେ ଉପନିର୍ବାଚନ ମଧ୍ୟ ସୁରୁଖୁରୁରେ ଶେଷ ହୋଇଛି ।

## ଛତିଶଗଡ଼ ଆକ୍ସିଡେଣ୍ଟ

ଛତିଶଗଡ଼ର କାଙ୍କେର ଜିଲ୍ଲାର ୩୦ ନମ୍ବର ଜାତୀୟ ରାଜପଥରେ ଗତକାଲି ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୬ ଜଣଙ୍କର ମୃତ୍ୟୁ ଘଟିଛି । ଦୁର୍ଘଟଣାରେ ୩ ଜଣ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି ।

କୋଟଓ୍ୱାଲି ଥାନା ଅନ୍ତର୍ଗତ ନାଥିଆ ନବଗାଁ ନିକଟରେ ୨ଟି କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ୍ ଏବଂ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ କାଙ୍କେର ମେଡ଼ିକାଲ କଲେଜରେ ଭର୍ତ୍ତି କରିଥିଲେ ।

---

## ଚମ୍ପାରଣ-ସତ୍ୟାଗ୍ରହ

ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମର ନିର୍ଣ୍ଣାୟକ ମୁହୂର୍ତ୍ତ ଥିବା ଚମ୍ପାରଣ ସତ୍ୟାଗ୍ରହର ୧୦୭ତମ ବାର୍ଷିକୀ ଆଜି ପାଳନ କରାଯାଉଛି । ୧୯୧୭ ମସିହାର ଏହି ଦିନରେ ବିହାର ଚମ୍ପାରଣ ଜିଲ୍ଲାରେ ନୀଳଚାଷୀମାନଙ୍କର ଅଭିଯୋଗର ସମାଧାନ ପାଇଁ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା । ଏହି ସତ୍ୟାଗ୍ରହର ସଫଳତା ପରବର୍ତ୍ତୀ ସମୟରେ ଦେଶ ସ୍ୱାଧୀନତା ପାଇଁ ସତ୍ୟାଗ୍ରହ ସହିତ ମହାତ୍ମା ଗାନ୍ଧୀଙ୍କ ପ୍ରଥମ ପରୀକ୍ଷଣକୁ ସଫଳତା ଆଣିଦେଇଥିଲା ।

## ପଟେଲ୍-ମିଶ୍ରି ମିଟ୍

ବୈଦେଶିକ ସଚିବ ବିକ୍ରମ ମିଶ୍ରି ଗତକାଲି ଓ୍ୱାଶିଂଟନ୍‌ରେ ଆମେରିକା ସୁରକ୍ଷା ଏଜେନ୍ସୀ ଏଫ୍‌ବିଆଇ ର ନିର୍ଦ୍ଦେଶକ କାସ୍ ପଟେଲଙ୍କ ସହ ଏକ ବୈଠକରେ ଆତଙ୍କବାଦ, ସଂଗଠିତ ଅପରାଧ ଏବଂ ନିଶା କାରବାରର ମୁକାବିଲା ପାଇଁ ସହଯୋଗ ଉପରେ ଆଲୋଚନା କରିଛନ୍ତି । ଆମେରିକାରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏହି ସୂଚନା ଦିଆଯାଇଛି । ଶ୍ରୀ ମିଶ୍ରି ସଂପ୍ରତି ୩ ଦିନିଆ ଆମେରିକା ଗସ୍ତରେ ଅଛନ୍ତି ଏବଂ ସେଠାକାର ବୈଦେଶିକ ସଚିବ ମାର୍କୋ

ରୁବିଓଙ୍କ ସମେତ ଆମେରିକାର ଅନେକ ବରିଷ୍ଠ ଅଧିକାରୀଙ୍କୁ ସାକ୍ଷାତ କରିଛନ୍ତି ।

ଏହି ଗସ୍ତ ଅବସରରେ ବୈଦେଶିକ ସଚିବ ବିକ୍ରମ ମିଶ୍ରି ଏବଂ ଆମେରିକା ଅର୍ଥ ଉପସଚିବ ଜାକବ୍ ଏସ୍ ହେଲ୍‌ବର୍ଗଙ୍କ ମଧ୍ୟରେ ହୋଇଥିବା ଆଲୋଚନାରେ ଭାରତ ଏବଂ ଆମେରିକା ପାକ୍ସ ସିଲିକା ଅଧୀନରେ ସେମାନଙ୍କର ସହଯୋଗ ଏବଂ ଏଆଇ ଓ ଗୁରୁତ୍ୱପୂର୍ଣ୍ଣ ଖଣିଜପଦାର୍ଥ ସମେତ ବ୍ୟାପକ ଅର୍ଥନୈତିକ ଏବଂ ପ୍ରଯୁକ୍ତିବିଦ୍ୟା ସଂପର୍କକୁ ଆଗକୁ ବଢ଼ାଇବା ଉପରେ ଆଲୋଚନା ହୋଇଛି । ଶ୍ରୀ ମିଶ୍ର ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ବିଶେଷକରି ବାଣିଜ୍ୟ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ସମୀକ୍ଷା କରିବା ପାଇଁ ୩ ଦିନିଆ ଗସ୍ତରେ ଆମେରିକା ଯାଇଛନ୍ତି ।

## ଜେକେ-ଆନିମଲ୍ ଟ୍ରାନ୍ସପୋର୍ଟ

ଜାମ୍ମୁ କାଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନା ସମଗ୍ର କେନ୍ଦ୍ରଶାସିତ ଅଞ୍ଚଳରେ ଗୋ ପରିବହନକୁ ନିୟନ୍ତ୍ରଣ କରିବା ପାଇଁ ବ୍ୟାପକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର-ଏସ୍‌ଓପି ର ଚିଠା ପ୍ରସ୍ତୁତ କରିବା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି । ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ଜାରି ଏକ ଆଦେଶନାମା ମାଧ୍ୟମରେ ଗଠିତ ଏହି କମିଟି ଉଭୟ ଯାନବାହାନ ଏବଂ ସଡ଼କ ପଥରେ ଗୋରୁ ପରିବହନକୁ ନିୟନ୍ତ୍ରଣ କରିବାଭଳି ବିସ୍ତୃତ ଏସ୍‌ଓପି ପ୍ରସ୍ତୁତ କରିବା ପାଇଁ ଆଇନଗତ ଢ଼ାଞ୍ଚାକୁ ଯାଞ୍ଚ କରିବ । ଏହି ପ୍ୟାନେଲ୍‌କୁ ଅନୁମତି ଏବଂ ସ୍ୱାସ୍ଥ୍ୟ ପ୍ରମାଣପତ୍ର ସମେତ ଡକୁମେଣ୍ଟେସନ୍ ଓ ଯାଞ୍ଚ ପ୍ରୋଟକଲ୍ ପ୍ରସ୍ତୁତ କରିବାକୁ ମଧ୍ୟ ଦାୟିତ୍ୱ ଦିଆଯାଇଛି ।

# ଜେକେ-ଓ୍ୱତନ୍

ଜାମ୍ମୁ କାଶ୍ମୀରରର ୨୫୦ ସଦସ୍ୟ ବିଶିଷ୍ଟ ଏକ ଯୁବ ପ୍ରତିନିଧି ଦଳ ନୂଆଦିଲ୍ଲୀର ଉପରାଷ୍ଟ୍ରପତି ଭବନରେ ଗତକାଲି ଆୟୋଜିତ "ଓ୍ୱତନ୍ କୋ ଜାନୋ" କାର୍ଯ୍ୟକ୍ରମରେ ଭାଗ ନେଇ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନଙ୍କୁ ସାକ୍ଷାତ କରିଛନ୍ତି। ଜାମ୍ମୁ କାଶ୍ମୀରର ଯୁବକମାନଙ୍କୁ ଭାରତର ବିଭିନ୍ନ ଅଞ୍ଚଳକୁ ଅନ୍ୱେଷଣ କରିବାର ସୁଯୋଗ ପ୍ରଦାନ କରି ଜାତୀୟ ଏକୀକରଣକୁ ପ୍ରୋତ୍ସାହିତ କରିବା  ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ଜାମ୍ମୁ କାଶ୍ମୀର ସରକାରଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରତିନିଧି ଦଳକୁ ସମ୍ବୋଧିତ କରି, ଜାମ୍ମୁ କାଶ୍ମୀରରର ଏଭଳି ଜୀବନ୍ତ, ପ୍ରତିଭାବାନ ଏବଂ ସଂକଳ୍ପବଦ୍ଧ ଯୁବ ମସ୍ତିଷ୍କଙ୍କ ସହ ଭାବ ବିନିମୟ କରି ସେ ଖୁବ୍ ଆନନ୍ଦିତ ବୋଲି ଉପରାଷ୍ଟ୍ରପତି କହିଥିଲେ ।

ଉପରାଷ୍ଟ୍ରପତି କହିଛନ୍ତି, ଜାମ୍ମୁ କାଶ୍ମୀରରେ ମହିଳା ବିକାଶ ଏବଂ ସଶକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ପରିଲକ୍ଷିତ ହୋଇଛି । ଜାମ୍ମୁ କାଶ୍ମୀର କ୍ରିକେଟ୍ ଦଳ ପ୍ରଥମଥର ପାଇଁ ରଣଜୀ ଟ୍ରଫି ଜିତି ଇତିହାସ ସୃଷ୍ଟି କରିଛି । ଶିକ୍ଷା କ୍ଷେତ୍ରରେ ମହିଳାମାନଙ୍କ ନେତୃତ୍ୱ ଏବଂ ଯୁବ କ୍ରିକେଟରମାନଙ୍କ ସଫଳତା ମିଳିତ ଭାବେ ଜାମ୍ମୁ କାଶ୍ମୀରର ଯୁବପିଢ଼ିଙ୍କ ଭବିଷ୍ୟତକୁ ରୂପ ଦେଉଥିବା ଏକ ପ୍ରଗତିଶୀଳ ଦିଗକୁ ପ୍ରତିଫଳିତ କରୁଛି ବୋଲି ଉପରାଷ୍ଟ୍ରପତି କହିଥିଲେ ।

ଏଭଳି କାର୍ଯ୍ୟକ୍ରମ କେବଳ ଯୁବପିଢ଼ିଙ୍କୁ ଏକ ସହଭାଗୀ ଜାତୀୟ ପରିଚୟ ସହିତ ଯୋଡ଼ି ହେବାରେ ସହାୟକ ହେବ ନାହିଁ, ବରଂ ଆତ୍ମବିଶ୍ୱାସ, ସଚେତନତା ଏବଂ ଆକାଂକ୍ଷା ସୃଷ୍ଟି କରିବା ସହିତ "ଏକ୍ ଭାରତ ଶ୍ରେଷ୍ଠ ଭାରତ" ଭାବନାକୁ ପ୍ରୋତ୍ସାହିତ କରିବ ବୋଲି ଉପରାଷ୍ଟ୍ରପତି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ସେ କହିଥିଲେ, ଶିକ୍ଷା, ପ୍ରଯୁକ୍ତିବିଦ୍ୟା, ପର୍ଯ୍ୟଟନ ଏବଂ ଉଦ୍ୟମିତାରେ ସୁଯୋଗ ବୃଦ୍ଧି ପାଉଥିବାରୁ ପ୍ରତ୍ୟେକ ଯୁବପିଢ଼ିଙ୍କ ପାଖରେ ଏକ ଶାନ୍ତିପୂର୍ଣ୍ଣ ସମୃଦ୍ଧ ଏବଂ ସମାବେଶୀ ଭବିଷ୍ୟତର ନିର୍ମାତା ହେବାର କ୍ଷମତା ରହିଛି । ନିଜର ସାମର୍ଥ୍ୟ ଉପରେ ବିଶ୍ୱାସ ରଖିବା ଏବଂ ନିଜ ମୂଳ ସହିତ ଯୋଡ଼ି ହୋଇ ରହିବ ଏବଂ ଜାମ୍ମୁ କାଶ୍ମୀରକୁ ରାଷ୍ଟ୍ର ପାଇଁ ସୌହାର୍ଦ୍ଦ୍ୟ, ବିକାଶ ଏବଂ ପ୍ରେରଣାର ପ୍ରତୀକ କରିବା ଦିଗରେ ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ଉପରାଷ୍ଟ୍ରପତି ଏହି ଯୁବ ପ୍ରତିନିଧି ଦଳଙ୍କୁ ଆହ୍ୱାନ ଦେଇଥିଲେ ।

---

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ରାଜସ୍ଥାନ ରୟାଲ୍ସ ଏବଂ ରୟାଲ୍ ଚାଲେଞ୍ଜର୍ସ୍ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଏହି ମ୍ୟାଚ୍ ବେଙ୍ଗାଲୁରୁର ଏ.ସି.ଏ. ଷ୍ଟାଡିୟମ୍‌ରେ ସନ୍ଧ୍ୟା ୭ଟା ୩୦ରେ ଖେଳାଯିବ ।

ଗତକାଲି ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ୩ ଓ୍ୱିକେଟ୍‌ରେ କୋଲକାତା ନାଇଟ୍ ରାଇଡର୍ସ୍‌କୁ ପରାସ୍ତ କରିଥିଲା ।